بِسۡمِ اللّٰہِ الرَّحۡمٰنِ الرَّحِیۡمِ

୮ ମଇ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ସତ୍ୟ ବଚନ ଓ ସଚୋଟତା ହେଉଛି ଯୁଗାବତାର୍ ହଜରତ ମସିହ୍ ମଉଦ[ଅ.ସ]ଙ୍କ ଆଦର୍ଶମୟ ଜୀବନୀର୍ ଏକ ପୂର୍ଣ୍ଣ ପ୍ରକାଶମୟ ଅଧ୍ୟାୟ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ ଇୟ୍ୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ହଜରତ ମସିହ ମଉଦ[ଅ.ସ]ଙ୍କ ଜୀବନୀ ମାଧ୍ୟମରେ ମହାଭାଗଙ୍କ ସଚୋଟତାର ଉଚ୍ଚସ୍ତରର କିଛି ଘଟଣାବଳୀ ମୁଁ ବିଗତ **ଖୁତ୍‌ବା**ରେ ଆଲୋଚନା କରିଥିଲି । ଆଜି ମଧ୍ୟ ସେଥି ସମ୍ବନ୍ଧିୟ ଆଉ କିଛି ଘଟଣାବଳୀ ଉପସ୍ଥାପନ କରିବି । ହଜରତ ମସିହ ମଉଦ[ଅ.ସ]ଙ୍କ ଉପରେ ଗୋଟିଏ ମକଦ୍ଦମା ଡ଼ାଃ ହେନେରୀ ମାର୍ଟିନ୍ କ୍ଲର୍କ ତରଫରୁ ହତ୍ୟା କରିବାର ସଙ୍ଗିନ ଅଭିଯୋଗର ମାମଲା ରୁଜୁ କରାଯାଇଥିଲା । ଏହା ଅତି ଭୟଙ୍କର ମକଦ୍ଦମା ଥିଲା । ହୁଜୁର[ଅ.ସ] କୁହନ୍ତି; ଏହି ମକଦ୍ଦମା ଏପରି ଭୟଙ୍କର ଥିଲା ଯେ ଏଥିରେ ମୋତେ ମୃତ୍ୟୁ ଦଣ୍ଡାଦେଶ ହେବାର ବି ଆଶଙ୍କା ରହିଥିଲା । ୟହୁଦିଙ୍କ ତରଫରୁ ରୌମୀ ଅଦାଲତରେ ହଜରତ ଇସା[ଅ.ସ]ଙ୍କ ଉପରେ ଯେପରି ମକଦ୍ଦମା ହୋଇଥିଲା, ତାହାର ଚର୍ଚ୍ଚା କରି ହୁଜୁର[ଅ.ସ] ବର୍ଣ୍ଣନା କରନ୍ତି; ଠିକ୍ ସେହିପରି ମକଦ୍ଦମା ମୋ ଉପରେ ମଧ୍ୟ କରାଯାଇଥିଲା । ହଜରତ ମସିହ[ଅ.ସ]ଙ୍କ ବିରୁଦ୍ଧରେ ତ ୟହୁଦିମାନେ ମକଦ୍ଦମା କରିଥିଲେ, କିନ୍ତୁ ଏହି (ଇଂରେଜ) ପ୍ରଶାସନର ଯେଉଁ ବ୍ୟକ୍ତି ମୋ ଖିଲାଫ୍‌ରେ ମକଦ୍ଦମା କରିଥିଲା ସେ ଜଣେ ସୁପ୍ରତିଷ୍ଠିତ ପାଦ୍ରୀ ଥିଲା ଓ ଜଣେ ଡ଼ାକ୍ତର ବି ଥିଲା । ସେ ମୋ ଉପରେ ହତ୍ୟା କରିବାର ମକଦ୍ଦମା କରିଥିଲା ଓ ଏହି ପରିପ୍ରେକ୍ଷୀରେ ସାକ୍ଷୀ ମଧ୍ୟ ଉପସ୍ଥାପନ କଲା । ଏପରିକି ମୌଲବୀ ମୁହମ୍ମଦ ହୁସେନ୍ ବଟାଲୱ୍ୱୀ ଯିଏକି ମୋର ଭୀଷଣ ଶତ୍ରୁ ଥିଲା, ସାକ୍ଷ୍ୟ ଦେବା ପାଇଁ ଅଦାଲତକୁ ଆସିଲା ଏବଂ ଯଥାସମ୍ଭବ ଆମ ବିରୁଦ୍ଧରେ ସାକ୍ଷ୍ୟ ଦେଲା । ଆଉ ମକଦ୍ଦମାଟି ସମ୍ପୂର୍ଣ୍ଣ ରୂପେ ଆମ ବିରୁଦ୍ଧରେ ପ୍ରମାଣିତ କରିବା ସକାଶେ ଚେଷ୍ଟା କଲା ।

ଏହି ମକଦ୍ଦମାର ବିଚାର ଦାୟିତ୍ୱ କ୍ୟାପଟେନ୍ ଡ଼ଗଲସ୍ ଡ଼େପୁଟି କମିଶନର୍ ଗୁରୁଦାସପୁରଙ୍କ ଉପରେ ନ୍ୟସ୍ତ ରହିଥିଲା । ହୁଜୁର[ଅ.ସ] କୁହନ୍ତି; ସମସ୍ତ ସାକ୍ଷ୍ୟ ମୋ ବିରୋଧରେ ଅତି ତୀବ୍ରତାର ସହିତ ପ୍ରଦାନ କରାଗଲା । ଏପରି ଅବସ୍ଥା ଓ ଉତ୍କଟ ପରିସ୍ଥିତି କୌଣସି ଓକିଲ ଓ ଦକ୍ଷ ପରାମର୍ଶଦାତା ମଧ୍ୟ କହିପାରି ନଥା'ନ୍ତେ, ଯେ ମୁଁ ନିର୍ଦୋଶରେ ଖଲାସ ହୋଇଯିବି । କିନ୍ତୁ ମହିମାମୟ ଈଶ୍ୱର ଯେପରି ମକଦ୍ଦମା ପୂର୍ବରୁ ମୋତେ ସୂଚିତ କରି ଦେଇଥିଲେ ଓ ଆଗତୁରା ମୋ ଉପରେ ଏହା ପ୍ରକାଶ କରି ଦେଇଥିଲେ ଯେ ଏଥିରୁ ମୁଁ ସସମ୍ମାନେ ମୁକୁଳି ଯିବି । କ୍ୟାପଟେନ୍ ଡ଼ଗଲସ୍‌ଙ୍କୁ ଅଭିଯୋଗକାରୀଙ୍କ ବୟାନରେ କିଛିଟା ସନ୍ଦେହ ହେଲା, ତେଣୁ ସେ ଅବ୍ଦୁଲ୍ ହମିଦ୍‌କୁ ପୋଲିସ୍ ଅଧିକାରୀ କ୍ୟାପଟେନ୍ ଲେମାର ଚନ୍ଦ୍ରଙ୍କ ଅଧୀନ କରିଦେଲେ । ଆଉ ତାଙ୍କୁ ନିର୍ଦ୍ଦେଶ ଦେଲେ ଯେ ତୁମେ ଏହି ମାମଲାକୁ ଆଉ ଥରେ ତଦନ୍ତ କର । ଅତଏବ କ୍ୟାପଟେନ୍ ସାହେବ ଅବ୍ଦୁଲ୍ ହମିଦ୍‌କୁ ଡ଼କାଇଲେ ଓ କହିଲେ; ମୋତେ ସତ କଥା କୁହ । କିନ୍ତୁ ସେ (ଦୁର୍ଜନ) ତାଙ୍କୁ ସେହି କାହାଣୀ ଶୁଣାଇଲା ଯାହା ପୂର୍ବରୁ କହିଥିଲା । ଏଥିରେ କ୍ୟାପଟେନ୍ ସାହେବ କଠୋରତା ପ୍ରଦର୍ଶନ କରି କହିଲେ; ମୋତେ ପ୍ରକୃତ ଘଟଣା କ'ଣ କୁହ । ବସ୍ତୁତଃ ସେ ଅସଲ କଥା କହିଦେଲା ଏବଂ ସଫା ସଫା ସ୍ୱୀକାର କରିନେଲା ଯେ ମୋତେ ଭୟଭୀତ କରାଇ ଏପରି ବୟାନ ନିଆଯାଇଥିଲା । କିନ୍ତୁ ପ୍ରକୃତପକ୍ଷେ ମିର୍ଜା ସାହେବ ମୋତେ କଦାପି ହତ୍ୟା କରିବାକୁ ପଠାଇ ନଥିଲେ । କ୍ୟାପଟେନ୍ ଏକଥା ଶୁଣି ଖୁବ୍ ଆନନ୍ଦିତ ହେଲା ଏବଂ ଡ଼େପୁଟି କମିଶନରଙ୍କୁ ତାର ଯୋଗେ ସୂଚିତ କଲେ,

ଯେ ଆମେ ମାମଲାର ଗୁମର ବାହାର କରିନେଲୁ ।

ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ସେତେବେଳେ କୋର୍ଟରେ ମୁଁ ଦେଖୁଥିଲି ଯେ ଡେ଼ପୁଟି କମିଶନର୍ ଅସଲ ରହସ୍ୟ ଖୋଲି ଯିବାକୁ ନେଇ ଖୁବ୍ ପ୍ରସନ୍ନିତ ଥିଲେ ଏବଂ ସେହି ଖ୍ରୀଷ୍ଟଧର୍ମୀ ଯେଉଁମାନେ ମୋ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ଦେଇଥିଲେ, ସେମାନଙ୍କ ଉପରେ ଏପରି କୋପିତ ଥିଲେ ଯେ ସେ ମୋତେ କହିଲେ; ଆପଣ ଏମାନଙ୍କ ବିରୋଧରେ ମକଦ୍ଦମା କରିପାରିବେ । କିନ୍ତୁ ଯେହେତୁ ମୁଁ ମକଦ୍ଦମାବାଜିରୁ ବିରତ ରହିବାକୁ ପସନ୍ଦ କରେ ତେଣୁ ତାଙ୍କୁ କହିଲି, ନା ମୁଁ ଏମାନଙ୍କ ବିରୁଦ୍ଧରେ ମକଦ୍ଦମା କରିବାକୁ ଚାହୁଁ ନାହିଁ । ହଁ ମୋର ମକଦ୍ଦମା ଆକାଶରେ ହେବ । ମହାମହିମ ହୁଜୁର ଅନଓ୍ଵର[ଅ.ବ] କହିଲେ; ଏହି ମକଦ୍ଦମାରେ ହଜରତ ମସିହ ମଉଦ[ଅ.ସ]ଙ୍କ ସତ୍ୟତା ଓ ଉତ୍ତମ ବ୍ୟବହାର ସମ୍ବନ୍ଧରେ ଜଣେ ଅଣଅହମଦି ଓକିଲ ମୌଲବୀ ଫଜଲଦ୍ଦିନ୍ ସାହେବ ବର୍ଣ୍ଣନା କରି କୁହନ୍ତି; ମୋ ମନରେ ମିର୍ଜା ସାହେବଙ୍କ ପ୍ରତି ବହୁତ ସମ୍ମାନ ରହିଛି । ମୋ ମତରେ ତାଙ୍କ ସ୍ତର ଓ ପଦମର୍ଯ୍ୟାଦା ଖୁବ୍ ଉର୍ଦ୍ଧ୍ୱରେ । ଯଦିଚ ତାଙ୍କର ଦାବି ସଂକ୍ରାନ୍ତରେ ମନୋବିଜ୍ଞାନ ଦୃଷ୍ଟିରୁ ହୁଏତ ତାଙ୍କୁ ବୁଝିବାରେ ତ୍ରୁଟି ବିଚ୍ୟୁତ ହୋଇଥାଇପାରେ, ସେ ଯାହା ହେଉ ସେ ଜଣେ ପୁଣ୍ୟବାନ ବ୍ୟକ୍ତି । ଏହି କଥା ହଜରତ ଶେଖ୍ ୟାକୁବ୍ ଅଲୀ ଇରଫାନୀ ସାହେବ[ର.ଅ]ଙ୍କୁ ଜଣେ ହିନ୍ଦୁ ଶ୍ରୀମାନ ଲାଲା ଦିନାନାଥ ମଧ୍ୟ ବର୍ଣ୍ଣନା କରି କହିଥିଲେ, ଯେ ଏକଦା ଏକ ସଭାରେ ମୌଲବୀ ଫଜଲଦ୍ଦିନ୍ ସାହେବଙ୍କ ଉପସ୍ଥିତିରେ କେହି ଜଣେ ତାଙ୍କର ଏପରି ବିରୋଧ କଲା ଯାହାକି ଶଭ୍ୟ ଓ ଭଦ୍ରତା ଦୃଷ୍ଟି କୋଣରୁ ଅତି ନିଚ୍ଚ ଆଚରଣ ଥିଲା । ତାହା ଶୁଣିବା ପରେ ମୌଲବୀ ଫଜଲ୍ଦ୍ଦିନ୍ ସାହେବ ବେଶ ଉତ୍ତେଜିତ ହୋଇ ଉଠିଲେ । ଅତଃ ସେ ଅତି ଉଦ୍‌ବେଗତାର ସହିତ କହିଲେ; **ମୁଁ ମିର୍ଜା ସାହେବଙ୍କର ଅନୁଗାମୀ ନୁହେଁ । ତାଙ୍କର କରିଥିବା ଦାବି ଉପରେ ମୋର ବିଶ୍ୱାସ ନାହିଁ । କିନ୍ତୁ ମିର୍ଜା ସାହେବଙ୍କ ମହାନ ବ୍ୟକ୍ତିତ୍ୱ ଓ ସୁନ୍ଦର ଆଚରଣର ମୁଁ ସାକ୍ଷୀ ଦେଉଛି** । ବୃତ୍ତିରେ ମୁଁ ଜଣେ ଓକିଲ, ତେଣୁ ବିଭିନ୍ନ ମହଲର ଲୋକମାନଙ୍କ ମକଦ୍ଦମା ମୋ ନିକଟକୁ ଆସିଥାଏ । ମୁଁ ସହସ୍ର ଲୋକଙ୍କୁ ଦେଖିଛି, ଯାହାଙ୍କୁ ସାମ୍ବିଧାନିକ ନିୟମ ଅନୁଯାୟୀ ଯେତେବେଳେ ତାଙ୍କୁ ନିଜର ବୟାନ ବଦଲାଇବାକୁ ପରାମର୍ଶ ଦିଆଯାଏ ସେତେବେଳେ ସେମାନେ ନିର୍ଦ୍ୱନ୍ଦରେ ନିଜ ବୟାନ ବଦଳାଇ ଦିଅନ୍ତି । କିନ୍ତୁ ମୁଁ ନିଜ ସାରା ଜୀବନରେ କେବଳ ମିର୍ଜା ସାହେବଙ୍କୁ ଦେଖିଲି, ଯିଏକି ସତ କହିବାରୁ କଦାପି ପଶ୍ଚାତପଦ ଦେଲେ ନାହିଁ ।

ମାଟିନ୍ କ୍ଲର୍କର ମକଦ୍ଦମାରେ ମୁଁ ତାଙ୍କ ପାଇଁ ଏକ ଆଇନ୍‌ଗତ ବୟାନ ଲେଖି ତାଙ୍କ ସମ୍ମୁଖରେ ଉପସ୍ଥାପନ କଲି । ସେ ତାହାକୁ ପାଠ କରି କହିଲେ; ଏଥିରେ ତ ମିଥ୍ୟା ଲେଖା ଯାଇଛି । ମୁଁ ଉତ୍ତର ଦେଲି ଅପରାଧୀର ବୟାନ ଶପଥ-ପୂର୍ଣ୍ଣ ଅର୍ଥାତ୍ ଖାଣ୍ଟି ସତ କଥା ହୋଇ ନଥାଏ ଓ ଆଇନ ଦୃଷ୍ଟିରୁ ତାହାକୁ ଅନୁମତି ରହିଛି ଯେ ସେ ଯାହା ଚାହିଁବ ବୟାନ ଦେଇପାରିବ । ଏଥିରେ ହୁଜୁର[ଅ.ସ] କହିଲେ; **ଆଇନ ତ ତାକୁ ଅନୁମତି ଦେଇ ଦେଇଛି, କିନ୍ତୁ ପରାକ୍ରମୀ ଅଲ୍ଲାଃ ତ ଅନୁମତି ଦେଇ ନାହାନ୍ତି** । ସୁତରାଂ ମୁଁ ପ୍ରକୃତ ଘଟଣା ଓ ସତ କଥା ହିଁ କହିବି । ପୁନଶ୍ଚ ମୁଁ ତାଙ୍କୁ କହିଲି; ଆପଣ କେବଳ ଏତିକି କହିଦିଅନ୍ତୁ ଯେ ମୁଁ ଅବ୍ଦୁଲ୍ ହମିଦ୍‌କୁ ଜାଣେ ନାହିଁ, ବାକି ଆମେ ସମ୍ଭାଳି ନେବୁ । ତେବେ ହଜରତ ମସିହ ମଉଦ[ଅ.ସ] ଆମର ସମସ୍ତ ପ୍ରସ୍ତାବ ଶୁଣିବା ପରେ କହିଲେ; ମୁଁ ସଂସାରରେ ସତ୍ୟକୁ ସ୍ଥାପନ କରିବା ସକାଶେ ଆସିଛି, ମୁଁ କଦାପି ମିଛ କହିବି ନାହିଁ, ମୋତେ ପଛକେ ଫାସି ଦେଇ ଦିଆଯାଉ ନା କାହିଁକି । ଦେଖ ମୁଁ ଅବ୍ଦୁଲ୍ ହମିଦ୍‌କୁ ଚିହ୍ନିଛି, ସେ କାଦିୟାନ ଆସେ । ଏକଥା ମୁଁ କଦାପି ଅସ୍ୱୀକାର କରିପାରିବି ନାହିଁ, ତେଣିକି ପରିଣାମ ଯାହା ହେଉ ନା କାହିଁକି । ଆମେ କହିଲୁ ଯଦି ମିଛ କହିବାକୁ ଚାହୁଁ ନାହାନ୍ତି, ତେବେ ଏଣେତେଣର କଥା କହିଦିଅନ୍ତୁ । କିନ୍ତୁ ହୁଜୁର[ଅ.ସ] କହିଲେ; ମୁଁ ତ ଏପରି ବି କରିପାରିବି ନାହିଁ । ଦେଖ ମହିମାମୟ ଅଲ୍ଲାଃ ମୋତେ ନିଜର ଉତ୍ତମ ନମୁନା ନିରୂପଣ କରିବାକୁ ପ୍ରେରଣ କରିଛନ୍ତି । ସୁତରାଂ ମୁଁ ନିଜ ପ୍ରାଣ ରକ୍ଷା କରିବାକୁ ଏପରି କରିବାକୁ ପ୍ରସ୍ତୁତ ନାହିଁ । ଯଦି ସତ କହିବା ଦ୍ୱାରା ମୋର ଜୀବନ ଚାଲିଯାଏ ତେବେ ବି (ମୁଁ) କୃତକାର୍ଯ୍ୟ ହୋଇଯିବି ।

ଯେତେବେଳେ ହୁଜୁର[ଅ.ସ] ଅଦାଲତ୍‌ରେ ବୟାନ ଦେଲେ, ସେତେବେଳେ ସଫା ସଫା କହିଦେଲେ ମୁଁ ଅବ୍ଦୁଲ୍ ହମିଦ୍‌କୁ ଚିହ୍ନେ । ଆଉ ମୁଁ ନିଶ୍ଚିତ ରୂପେ ଜାଣେ ଯେ ଏବେ ଏଥିରୁ ମୋର ମୁକ୍ତି ପାଇବା ସମ୍ଭବ ନୁହେଁ । କିନ୍ତୁ ସେହି ମକଦ୍ଦମାରେ ହୁଜୁର[ଅ.ସ]ଙ୍କୁ ଈଶ୍ୱରଙ୍କ ଯେପରି ଦୈବି ସହାୟତା ଲାଭ ହେଲା ତାହା ଦେଖି ଆମେମାନେ ଆଚମ୍ଭିତ ହୋଇଗଲୁ, ସର୍ବଶକ୍ତିମାନ ଅଲ୍ଲାଃ କିପରି ନିଜ ନିର୍ଦ୍ଦେଶିତ ଭକ୍ତଙ୍କର ସାହାଯ୍ୟ କଲେ ଓ ସେ ଏହି ସଙ୍ଗିନ ମକଦ୍ଦମାରୁ ସୁରୁଖୁରୁରେ

ମୁକୁଳି ଆସିଲେ । ହଜରତ ମିର୍ଜା ବଶିର୍ ଅହମଦ ସାହେବ ଉଲ୍ଲେଖ କରିଛନ୍ତି, ୧୯୧୬ମସିହାରେ ମିଷ୍ଟର୍ ୱାଲଟର୍ ଜମାଅତ ଅହମଦିୟା ସଂକ୍ରାନ୍ତରେ ଅନୁସନ୍ଧାନ କରିବାକୁ କାଦିୟାନ ଆସିଥିଲେ । ସେତେବେଳେ ସେ ନିଜର ଇଚ୍ଛା ବ୍ୟକ୍ତ କଲେ ଯେ ମୋତେ ଜମାଅତ ଅହମଦିୟାର ପ୍ରତିଷ୍ଠାତାଙ୍କର କୌଣସି ପୁରାତନ ସହଚରଙ୍କ ସହିତ ସାକ୍ଷାତ କରାଇ ଦିଅନ୍ତୁ । ସେହି ସମୟରେ ମୁନ୍‌ସି ଅରୋଡ଼େ ଖାନ୍ ସାହେବ[ର.ଅ] କାଦିୟାନରେ ଉପସ୍ଥିତ ଥିଲେ । ଅତଃ ୱାଲ୍‌ଟର୍ ସାହେବଙ୍କୁ ମୁନ୍‌ସି ସାହେବଙ୍କ ସହିତ ଭେଟ କରାଗଲା । ଔପଚାରିକ ଭାବରେ ମିଷ୍ଟର୍ ୱାଲଟର୍ ମୁନ୍‌ସି ସାହେବଙ୍କ ସହିତ ବାର୍ତ୍ତାଳାପ କରିବା ପରେ ତାଙ୍କୁ ପଚାରିଲେ, ଆପଣଙ୍କୁ ମିର୍ଜା ସାହେବଙ୍କ ସତ୍ୟତାର ସବୁଠାରୁ କେଉଁ ପ୍ରମାଣ ଅଧିକ ପ୍ରଭାବିତ କରିଥିଲା । ମୁନ୍‌ସି ସାହେବ ତାଙ୍କୁ ଉତ୍ତର ଦେଲେ, ମୁଁ କୌଣସି ଉଚ୍ଚ ଶିକ୍ଷିତ ବ୍ୟକ୍ତି ନୁହେଁ, ନା ମୁଁ ଅଧିକ ଜ୍ଞାନଭିତ୍ତିକ ଦଲିଲ ଜାଣେ । କିନ୍ତୁ ହଜରତ ମସିହ ମଉଦ[ଅ.ସ]ଙ୍କର ଯେଉଁ ବିଷୟ ମୋତେ ଅଧିକ ପ୍ରଭାବିତ କରିଥିଲା, ତାହା ତାଙ୍କର ପବିତ୍ରତା ଓ ନିଷ୍କପଟ ପୂର୍ଣ୍ଣ ସ୍ୱଭାବ ଥିଲା । ମହାଭାଗଙ୍କ ଠାରୁ ଅଧିକ ସତ୍ୟବାଦୀ, ସର୍ବାଧିକ ବିଶ୍ୱସ୍ତ ଓ ଈଶ୍ୱରଙ୍କ ଉପରେ ଅତ୍ୟଧିକ ଆସ୍ଥା ଓ ଭରସା ରଖୁଥିବା ବ୍ୟକ୍ତି ମୁଁ କାହାରିକୁ ଦେଖି ନାହିଁ । **ତାଙ୍କୁ ଦେଖିଲେ କୌଣସି ବ୍ୟକ୍ତି ଏହା କହିପାରିବ ନାହିଁ, ଯେ ଯେ ଜଣେ ମିଥ୍ୟାବାଦୀ** । ବାକି ମୁଁ ତ ତାଙ୍କୁ ପବିତ୍ର ମୁଖ ନିଃସୃତ ବାଣୀ ଶୁଣିବାର ଭିକ୍ଷୁକ ଥିଲି । ମୋତେ କୌଣସି ଦଲିଲ ଜଣା ନାହିଁ ।

ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଏହା କହି ମୁନ୍‌ସି ସାହେବ ହଜରତ ମସିହ ମଉଦ[ଅ.ସ]ଙ୍କ ସ୍ମୃତିରେ ଏପରି ଭାବବିହ୍ୱଳ ହୋଇ ରୋଦନ କରିବାକୁ ଲାଗିଲେ ଯେ ତାଙ୍କର ହାଙ୍କ ଉଠିଗଲା । ତାହା ଦେଖି ମିଷ୍ଟର୍ ୱାଲଟର୍ଙ୍କର ମୁଖମଣ୍ଡଳ ଧଳା ପଡିଗଲା । ସେ ନିଜ ପୁସ୍ତକ 'ଅହମଦିୟା ମୁମେଣ୍ଟ'ରେ ଏହି ଘଟଣାର ବିଶେଷ ଭାବରେ ଚର୍ଚ୍ଚା ମଧ୍ୟ କଲେ ଓ ଉଲ୍ଲେଖ କଲେ **ଯେଉଁ ବ୍ୟକ୍ତି ନିଜ ସଙ୍ଗତରେ ଏପରି ବ୍ୟକ୍ତି ଗଢ଼ି ନେଇଛନ୍ତି, ତାଙ୍କୁ ଆମେ ଅତି କମ୍‌ରେ ଧୋକାବାଜ୍ ତ କହିପାରିବା ନାହିଁ** । ମିର୍ଜା ରହିମ ବଖଶ୍ ସାହେବ ବର୍ଣ୍ଣନା କରନ୍ତି, ମୋତେ ଜଣେ ଅହମଦି ବ୍ୟକ୍ତି ମିଳିଲେ ତାଙ୍କ ସହିତ କିଛି ଆଳାପ ହେଲା । ତା'ପରେ ମୁଁ ତାଙ୍କ ଦ୍ୱାରା ପ୍ରଭାବିତ ହୋଇଗଲି । ରାତିରେ ସ୍ୱପ୍ନ ଦେଖିଲି ଆମେ ଚାରି ଭାଇ ବାଟ ବଣା ହୋଇ ଏକ ପର୍ବତର ଗୁମ୍ଫା ନିକଟରେ ପହଞ୍ଚି ଯାଇଛୁ । ଆଉ ମୁଁ ଏକ ପାର୍ଶ୍ୱରେ ଚଢ଼ି ଉପରକୁ ଚାଲିଗଲି । ପୁନଶ୍ଚ ମୁଁ ଦେଖିଲି ରେଳଗାଡ଼ି ଚାଲୁଅଛି, କିନ୍ତୁ ଗାଡ଼ି ଭୂପୃଷ୍ଠରୁ ବହୁତ ଉପରେ ରହିଛି । ତାହା ଦେଖି ମୁଁ ଚିନ୍ତା କଲି ସେଥିରେ ମୁଁ କିପରି ଆରୋହଣ କରିବି । ସେଠାରେ ଅନ୍ୟ ଜଣେ ବ୍ୟକ୍ତି ଛିଡ଼ା ହୋଇଥିଲେ, ସେ କହିଲେ; ଆକାଶରୁ ଯେଉଁ ରଶିଟି ଭୂପୃଷ୍ଠ ପର୍ଯ୍ୟନ୍ତ ଲମ୍ୱି ରହିଛି, ତାହାକୁ ଧରିନିଅ । ତାହା ମାଧ୍ୟମରେ ତୁମେ (ଗାଡ଼ି) ରେ ଚଢ଼ି ପାରିବ । ସେ କୁହନ୍ତି; ପ୍ରଭାତରେ ଇବ୍ରାହିମ୍ ସାହେବ ମୋ ନିକଟକୁ ଆସିଲେ, ମୁଁ ତାଙ୍କୁ ନିଜର ସେହି ସ୍ୱପ୍ନ ଶୁଣାଇଲି । ସେଥିରେ ସେ ପବିତ୍ର କୁରଆନ ବାହାର କଲେ ଓ **ୱାତସିମୁ ବିହବ୍‌ଲିଲ୍ଲାଃ..** ଆୟତ ଦେଖାଇ କହିଲେ; ଏଥିରେ ଇଙ୍ଗିତ ରହିଛି ଯେ ଅଲ୍ଲାଃଙ୍କ ରଶିକୁ ଜାବୁଡ଼ି ଧର । ଅତଏବ ମୁଁ **ବୈଅତ୍**ର ପତ୍ର ଲେଖିଦେଲି । ହୁଜୁର[ଅ.ସ]ଙ୍କ ନିକଟରୁ ଉତ୍ତର ମିଳିଲା, **ବୈଅତ୍** ଗ୍ରହଣ କରାଯାଉଛି, କିନ୍ତୁ କାଦିୟାନ ଅବଶ୍ୟ ଆସନ୍ତୁ ।

ସେ କୁହନ୍ତି; ମୁଁ ଅମୃତସର ଷ୍ଟେଶନ୍‌ରୁ ବଟାଲା ଯିବାକୁ ଥିବା ଗାଡ଼ିରେ ବସିଲି, ସେତିକି ବେଳେ ଦୁଇ ତିନିଜଣ ଶିଖ୍ ବୃଦ୍ଧ ବ୍ୟକ୍ତି ମୋ ସହିତ ଆସି ବସିପଡିଲେ ଏବଂ ମୋତେ ପଚାରିଲେ, ମହାଶୟ କୁଆଡ଼େ ଯିବେ ? ମୁଁ ଉତ୍ତର ଦେଲି କାଦିୟାନ ଯିବି । ସେମାନେ ପୁନଶ୍ଚ ପଚାରିଲେ, ମିର୍ଜାଙ୍କ କାଦିୟାନ ? ମୁଁ ଉତ୍ତର ଦେଲି ଆଜ୍ଞା ହଁ । ତହୁଁ ମୁଁ ହଜରତ ମସିହ ମଉଦ[ଅ.ସ]ଙ୍କ ସମ୍ପର୍କରେ ତାଙ୍କୁ ପଚାରିଲି, ଯେ ସେ କେମିତିକା ଲୋକ ? ସେମାନେ କହିଲେ; ସେ ତ ଜଣେ ସୁପ୍ରସିଦ୍ଧ ବ୍ୟକ୍ତି ଏବଂ ନିଜ ବୁଦ୍ଧିଜ୍ଞାନ ବଳରେ କହିଲେ, ସେ ତ ଈଶ୍ୱର ହେବାର ଦାବି କରିଛନ୍ତି । ତା'ପରେ ମୁଁ ଏମିତି ପରିହାସ ପୂର୍ବକ କହିଦେଲି, ମୁଁ ମିର୍ଜା ସାହେବଙ୍କୁ ଚିହ୍ନେ । ସେ ଓ ମୋର ପିତା ଉଭୟେ ସିଆଲ୍‌କୋଟରେ ଚାକିରୀ କରୁଥିଲେ, ଆଉ ମିଶିକି ଭାଙ୍ଗ ମଧ୍ୟ ପିଉଥିଲେ । ଏଥିରେ ସେମାନେ କହିଲେ; **ମିଆଁ ଏମିତି କଥା ଆଦୌ କୁହନ୍ତୁ ନାହିଁ । ସେ ତ ଜଣେ ସରଳ ଓ ଅତ୍ୟନ୍ତ ସତ୍ୟବାନ ତଥା ବିଶ୍ୱସ୍ତ ବ୍ୟକ୍ତି** । ଏହି ଅଞ୍ଚଳରେ ସେ ଏପରି ଖ୍ୟାତି ଅର୍ଜନ କରିଛନ୍ତି, ଯେ ଲୋକମାନେ ତାଙ୍କର ଉଦାହରଣ ଦିଅନ୍ତି । ଏଠାରେ ଯଦି କେହି ସତ କଥା କୁହେ ତେବେ ଲୋକେ ତାକୁ କହନ୍ତି, କ'ଣ ତୁମେ ମିର୍ଜା ଗୁଲାମ୍ ମୁର୍ତ୍ତେଜାଙ୍କର ସୁପୁତ୍ର । ଏହା ଲୋକମାନଙ୍କ ଗହଣରେ ଦୃଷ୍ଟାନ୍ତ ସ୍ୱରୂପ ପ୍ରଚଳିତ ହୋଇଗଲାଣି । ସେମାନଙ୍କ ମଧ୍ୟରୁ ଜଣେ କହିଲେ, ମିର୍ଜା ସାହେବ ବାଲ୍ୟକାଳରେ ଆମ ସହିତ ଖେଳକୁଦ କରୁଥିଲେ, ଆମେ ତାଙ୍କର ଏଥିସକାଶେ ଆଦର

ସମ୍ମାନ କରୁଥିଲୁ, କାରଣ ସେ ଜଣେ ଧନାଢ଼୍ୟ ବ୍ୟକ୍ତିଙ୍କ ପୁତ୍ର ଥିଲେ । ତା'ପରେ ତାଙ୍କ ଠାରେ ପରିବର୍ତ୍ତନ ଆସିଲା ଓ ସେ ଘରେ ରହିବାକୁ ଲାଗିଲେ ଅର୍ଥାତ୍ ଏକାନ୍ତବାସକୁ ଚାଲିଗଲେ ଓ ଭିତରେ ଭିତରେ ଜାଦୁ ଚାଲିଲା (ଏହା ସେମାନଙ୍କର ନିଜସ୍ୱ ଧାରଣା ଥିଲା), ଏପରି ସେ କାଦିୟାନରେ ବସି ଚାରି ଚାରି ମାଇଲ୍ ପର୍ଯ୍ୟନ୍ତ ଜାଦୁ କରିଦେଲେ । ଯେକୌଣସି ଧର୍ମାବଲମ୍ବୀ ତାଙ୍କ ନିକଟକୁ ଆସୁଥିଲେ ସେ ତାଙ୍କୁ ନିଜ ସତ୍ୟତା ପ୍ରମାଣିତ କରି ଦେଖାଇ ଦେଇଥା'ନ୍ତି ଓ କହୁଛନ୍ତି କି ମୁଁ ଆକାଶରୁ ଆସିଛି । ସେ କୁହନ୍ତି; ମୁଁ ସେମାନଙ୍କର ସମସ୍ତ କଥା ଶୁଣିଲି । ଯେତେବେଳେ ମୁଁ କାଦିୟାନର ଅତିଥିଳାୟରେ ପହଞ୍ଚିଲି ସେଠାରେ ୩/୪ଜଣ ବାଳକ (କର୍ମରତ) ଥିଲେ । ମୁଁ ସେମାନଙ୍କୁ ପରୀକ୍ଷା କରିବା ସକାଶେ ତାଙ୍କ ସହିତ କଠୋରତା ପ୍ରଦର୍ଶନ କଲି । କିନ୍ତୁ ତାହା ପ୍ରତିବଦଳରେ ସେମାନେ ମୋ ସହିତ ନମ୍ର ଓ ଉତ୍ତମ ବ୍ୟବହାର କଲେ । ସେତେବେଳେ କାଦିୟାନରେ ଭୀଷଣ ରୁଦ୍ରତାପ ପଡୁଥିଲା, ତେଣୁ ମୁଁ ପ୍ରତ୍ୟାବର୍ତ୍ତନ କରିବାକୁ ସ୍ଥିର କରିନେଲି, ସେହି ସମୟରେ ଜଣେ ଆରବର ଲୋକ ଭେଟ ହେଲେ । ସେ କହିଲେ; **କାଦିୟାନ ଆସିଛନ୍ତି ଯେତେବେଳେ ହଜରତ ସାହେବଙ୍କୁ ସାକ୍ଷାତ ନକରି ଫେରି ଯାଆନ୍ତୁ ନାହିଁ** । ଏହି (ମୂଲ୍ୟବାନ) ସମୟ ଆଉ ମିଳିବ ନାହିଁ । ଇତି ମଧ୍ୟରେ ଅଜାନ୍ ହୋଇଗଲା, ତେଣୁ ମୁଁ ଚିନ୍ତା କଲି ନମାଜ ପାଠ କରି ନେଉଛି । ନମାଜ ପାଠ କରିବା ପରେ ହୁଜୁର[ଅ.ସ] ମଜଲିସ୍‌ରେ ବସି ପଡିଲେ ଓ ନିଜ ପବିତ୍ର ମସ୍ତକ ଅବନତ କରି ରଖିଥିଲେ । ମୁଁ ହୁଜୁର[ଅ.ସ]ଙ୍କ ସମ୍ମୁଖରେ ଛିଡ଼ା ହୋଇଥିଲି, ସେତେବେଳେ ମୋର ଦାଢ଼ିନିଶ କିଛି ନଥିଲା । ମୁଁ ମନସ୍ଥ କରିନେଲି, ଯେ ଯେପର୍ଯ୍ୟନ୍ତ ମହାଭାଗଙ୍କର ଚେହେରା ଦେଖି ନନେଇଛି ବିଶ୍ୱାସ କରିବି ନାହିଁ । କିଛିକ୍ଷଣ ପରେ ହୁଜୁର[ଅ.ସ] ଚେହେରା ଉପରକୁ ଉଠାଇ ଦେଖିଲେ, ମୁଁ ମନରେ ଭାବିଲି ନିଶ୍ଚିତ ରୂପେ ହୁଜୁର[ଅ.ସ] ଜଣେ ସତ୍ୟବାଦୀ । କିଛିକ୍ଷଣ ପରେ ପୁନଶ୍ଚ ହୁଜୁର[ଅ.ସ] ମସ୍ତକ ଉଠାଇଲେ, ମୁଁ କହିଲି **ଆମନ୍ନା** ଅର୍ଥାତ୍ ମୁଁ ସ୍ୱୀକାର କରିନେଲି । ତୃତୀୟ ଥର ଦେଖିବାରୁ ମୁଁ କହିଲି, ହେ ମୁନିବ ! ମୁଁ ତୁମ୍ଭ ସକାଶେ ଉତ୍ସର୍ଗୀତ ।

ହଜରତ ଚୌଧୁରୀ ସର୍ ଜଫରୁଲ୍ଲାଃ ଖାନ୍ ସାହେବ ବର୍ଣ୍ଣନା କରନ୍ତି, ମୁଁ ପ୍ରଥମ ଥର ହଜରତ ମସିହ ମଉଦ[ଅ.ସ]ଙ୍କୁ ଲାହୋର ଠାରେ ସାକ୍ଷାତ କରିଥିଲି । ସେତେବେଳେ ମୋ ମନରେ ଯେଉଁ କଥା ଉଙ୍କି ମାରିଲା ତାହା ଏହା ଥିଲା, ଯେ ଯେ ସତ୍ୟବାଦୀ ବ୍ୟକ୍ତି ଏବଂ ଯାହା କହୁଛନ୍ତି ସବୁ ସତ । ତେବେ ଆପଣଙ୍କ ପ୍ରତି ମୋ ମନରେ ଏପରି ପ୍ରେମଭାବ ଉତ୍ପନ୍ନ କରିଦିଆଗଲା, ଯେ ତାହା ହିଁ ମୋ ପାଇଁ ହୁଜୁର[ଅ.ସ]ଙ୍କ ସତ୍ୟବାଦୀ ହେବା ନିମନ୍ତେ ଦଲିଲ ପାଲଟିଗଲା । ଯଦିଚ ସେତେବେଳେ ମୁଁ ବାଳକ ଥିଲି, କିନ୍ତୁ ସେତେବେଳେ ଠାରୁ ଏଯାବତ୍ ମୋତେ କୌଣସି ଦଲିଲ୍‌ର ଆବଶ୍ୟକତା ପଡି ନାହିଁ । ପରବର୍ତ୍ତୀ ସମୟରେ ଏପରି ଘଟଣା ଘଟିଲା ଯାହାକି ମୋ ବିଶ୍ୱାସକୁ ଦୃଢ଼ୀଭୂତ କରିଦେଲା । କାରଣ ମୁଁ ହୁଜୁର[ଅ.ସ]ଙ୍କୁ ତାଙ୍କର ପବିତ୍ର ଚେହେରା ଦେଖି ଗ୍ରହଣ କରିଥିଲି । ଆଉ ସେହି ପ୍ରଭାବ ଏପର୍ଯ୍ୟନ୍ତ ହୁଜୁର[ଅ.ସ]ଙ୍କ ଦାବିର ସତ୍ୟତା ନିମନ୍ତେ ସବୁଠାରୁ ବଡ ପ୍ରମାଣ । ଅଲ୍ଲାଃତାଲା ଆମମାନଙ୍କୁ ଏହି ବାସ୍ତବିକତା ବୁଝି ସତ୍ୟ ଉପରେ ପ୍ରତିଷ୍ଠିତ ରହିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆଉ ଆମେ ସର୍ବଦା ସତ କରିବାର ଉଚ୍ଚତମ ସ୍ତର ପ୍ରାପ୍ତକାରୀ ସାବ୍ୟସ୍ତ ହେଉ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

8th May 2026

*Translated to Odia by :* Moulavi Anwar Ahmad Khan